# ଦମୟନ୍ତୀଙ୍କୁ ମିଳିଲା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

**ନିର୍ଭୟ ମିଡିଆ : ବାରିପଦା**

ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା ଜୟଦେବଙ୍କ ସଂସ୍କୃତ ଭାଷାରେ ରଚିତ ଶ୍ରୀଗୀତ ଗୋବିନ୍ଦକୁ ସାନ୍ତାଳୀ ଭାଷାରେ ଅନୁବାଦ କରିଛନ୍ତି । ସାନ୍ତାଳୀ ଭାଷାରେ ଅନୁବାଦ ସାହିତ୍ୟ ପାଇଁ



ପଦ୍ମଶ୍ରୀ ଦମୟନ୍ତୀ ବେସ୍ରାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷଣା କରାଯାଇଛି । ବାରିପଦା ପୌରାଞ୍ଚଳର ମଧୁବନ ରାଣିବାଗ ବାସିନ୍ଦା ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଛନ୍ତି । ସାନ୍ତାଳୀ ଭାଷାରେ ନିଜର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୂର୍ବରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ତାଙ୍କୁ ମିଳିଥିଲା ।